# Akashvani, Sambalpur

## SAMBALPURI NEWS BULLETIN

### 21 January 2026 – 6.47- 6.52 am.

*************************************************

ଉପରାଷ୍ଟ୍ରପତି - କଟକ୍ ଗସ୍ତ          ଆଇ.ଆଣ୍ଡ୍.ପି.ଆର୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଏବା ଶୁକ୍ରବାର୍ ଦିନ ଓଡ଼ିଶା ଗସ୍ତଥି ଆସୁଛନ୍ । ନେତାଜୀ ସୁବାଷ୍ ଚନ୍ଦ୍ର ବୋଷ୍‌ଙ୍କର୍ ଜୟନ୍ତୀ  ଆଉ ପରାକ୍ରମ୍ ଦିବସ୍ ଅବ୍‌ସରେ କଟକ୍ ନ ନେତାଜୀଙ୍କର୍ ଜନମ୍‌ଜାଗା ସଂଗ୍ରହାଳୟ ପରିଦର୍ଶନ୍ କର୍‌ବେ । ଇତାର୍‌ସହେତେ ଜିଲ୍ଲା ସଂସ୍କୃତି ଭବନ୍‌ର ଭିଲ୍ ଉଦ୍‌ଘାଟନ୍ କର୍‌ବେ । ଉପରାଷ୍ଟ୍ରପତିଙ୍କର୍ ଗସ୍ତକେ ନେଇକରି ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ପର୍‌ଦିନ ଶୁକ୍ରବାର୍ ଦିନ ସଖାଲର୍ ୮ ବାଜିକରି ୫୦ ମିନିଟ୍‌ଥି ଉପରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବେ । ସେନୁ ସିଧାସଲକ୍ କଟକ୍ ଯାଇକରି ୯ ବାଜିକରି ୩୫ ମିନିଟ୍‌ଥି ନେତାଜୀଙ୍କର୍ ଜନ୍ମସ୍ଥାନ୍‌ଥି ପୁହୁଁଚିବେ । କାର୍ଯ୍ୟକ୍ରମ୍ ସାରିକରି ମଏଧାନର୍ ୨ ବଜେ ଉପରାଷ୍ଟ୍ରପତି କୋଲ୍‌କାତା ଯିବାର୍ କାର୍ଯ୍ୟସୂଚୀ ରହିଛେ ।

ରାଜ୍ୟପାଲ୍-ଇଞ୍ଜିନିୟର୍ ସମାରୋହ      ଆଇ.ଆଣ୍ଡ୍.ପି.ଆର୍

ଇଞ୍ଜିନିୟର୍ ମାନେ ବିକାଶ୍‌ର ମେରୁଖୁମ୍ ଆନ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ଓଡ଼େଶା ଭବନ୍ ଠାନେ ଗଲାକାଏଲ୍ ହେଇଥିବା ଡିପ୍ଲୋମା ଇଞ୍ଜିନିୟରିଂ ସେବା ସଂଘର୍ ବାର୍ଷିକ ସମ୍ମିଲନୀଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ଦେଶ୍ ନିର୍ମାଣ୍ ଖାଲି କାର୍ଯ୍ୟାଳୟ ଆଉ ନୀତି ପ୍ରକୋଷ୍ଠଥି ନାଇଁହୁଏ । କ୍ଷେତ୍ର, ଗାଁ, ନିର୍ମାଣ୍ ଜାଗା ପ୍ରକଳ୍ପ ଜାଗା ଆଉ ଦୂରିଆ ଜନବସତି ଭିଲ୍ ଗଠନ୍ କରାଯାଏସି । ଯେନ୍‌ଥି ଇଞ୍ଜିନିୟର୍ ମାନେ ଦୃଷ୍ଟିକୋଣକେ ବାସ୍ତବତାଥି ବଦ୍‌ଲାସନ୍ ବଲି ରାଜ୍ୟପାଲ୍ କହିଛନ୍ ।

ପ୍ରାଣୀ ସମାବେଶ୍         ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ତର୍‌ଫୁ ଆଏଜ୍ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ରାଜ୍ୟସ୍ତରୀୟ ମତ୍ସ୍ୟ ଆଉ ପ୍ରାଣୀ ସମାବେଶ୍-୨୦୨୬ ମୁଲ୍ ହେଉଛେ । ଇତାକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଚଲ୍‌ତି ବଛର୍ ଇ ଦିବସ୍‌ର ବାର୍ତା 'ମତ୍ସ୍ୟପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା' ରଖାଯାଇଛେ । ଇ

ମେଳା ୨୩ ତାରିଖ୍‌ତକ୍ ଚାଲ୍‌ବା । ଇଥି ୨ ଶହ ୮ ଟା ଷ୍ଟଲ୍ ଜରିଏ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ଆର୍ ବେସର୍‌କାରୀ ଅନୁଷ୍ଠାନ୍‌ମାନ୍‌କର୍ ବିକାଶ୍‌ମୂଳକ୍ କାର୍ଯ୍ୟକ୍ରମ୍‌ମାନ୍‌କର୍ ପ୍ରଦର୍ଶନ୍ କରାଯିବା ।

ମୁଖ୍ୟମନ୍ତ୍ରୀ- ନିବେଶକ୍ ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଇହାଦେ ଶିଳ୍ପ ପାୱାର୍ ହାଉସ୍ ହେବାର୍‌ଥି ଲାଗିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କଲିକତା ନ ହେଇଥିବା ନିବେଶକ୍ ସମ୍ମିଳନୀର୍ ସଫଳତା ବାବ୍‌ଦେ ମୁଖ୍ୟମନ୍ତ୍ରୀ ଗଣମାଧମ୍‌କେ ସୂଚ୍‌ନା ଦେଇକରି କହିଛନ୍, ଓଡ଼ିଶା ସର୍‌କାର୍ ଇହାଦେ ପାରମ୍ପରିକ୍ ପଦ୍ଧତି ବଦ୍‌ଲେ ନୂଆଁ ଆଉ ପ୍ରଯୁକ୍ତି ଚାଲିତ୍ ଶିଳ୍ପ ଉପ୍‌ରେ ଅଏତ୍‌କା ଜୋର୍ ଦଉଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା କିଛି ଦିନ୍ ଭିତ୍‌ରେ ହାଇଦ୍ରାବାଦ୍ ଆଉ କୋଲ୍‌କାତା ନ ହେଇଥିବା ନିବେଶକ୍ ସମ୍ମିଳନୀଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶ୍ ବିଦେଶ୍‌ର ପୁଞ୍ଜିନିବେଶ୍‌କାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ରାଏଜେ ନିବେଶ୍ ଲାଗି ଆହ୍ୱାନ୍ ଦେଇଛନ୍ ।

ଗ୍ରାମ୍ୟ ଉନ୍ନୟନ୍ ବିଭାଗ ସମୀକ୍ଷା ଆଇ.ଆଣ୍ଡ.ପି.ଆର୍

ରାଜ୍ୟର୍ ଉନ୍ନୟନ୍ ପ୍ରକଳ୍ପମାନ୍‌କର୍ ସଠିକ୍ କାର୍ଯ୍ୟାନ୍ୱୟନ୍ ଆଉ ନିର୍ଦ୍ଧାରିତ୍ ଖର୍ଚ୍ଚା ସୁନିଶ୍ଚିତ୍ କର୍‌ବାର୍ ଲାଗି ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ବିଭାଗ୍‌ର ମନ୍ତ୍ରୀ ରବିନାରାୟଣ ନାଏକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଚଲ୍‌ତି ଆର୍ଥିକ୍ ବଛ୍‌ରେ ପିଏମ୍ ଜନ୍‌ମନ୍, ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍ୟ ସଡ଼କ୍ ଯୋଜ୍‌ନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜ୍‌ନା ଆଉ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ସମୀକ୍ଷା କରାଯାଇଥିଲା । ସବୁ ପ୍ରକଳ୍ପମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ସାର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ନାଏକ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପ୍ରଗତି-ଓଡ଼ିଶା       ପି.ଆଇ.ବି.

କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରଗତି ପ୍ଲାଟ୍‌ଫର୍ମ ଜରିଏ ୨୦୨୪ ଜୁନ୍ ମାସ୍‌ନୁ ୨୦୨୫ ଡିସେମ୍ବର୍ ମାସ୍ ଭିତ୍‌ରେ ଓଡ଼ିଶାର୍ ୫୯ ହଜାର୍ ୪ ଶହ ୩୫ କୋଟି ଟଙ୍କାର୍ ୮ ଟା ପ୍ରମୁଖ ପ୍ରକଳ୍ପକେ ନେଇକରି ଥିବା ୧୧ ଟା ସମସ୍ୟାର୍ ସମାଧାନ୍ କରାଯାଇଛେ । ଇତାର୍ ଭିତ୍‌ରେ ଭୂ-ଅର୍ଜନ୍‌କେ ନେଇକରି ୭ ଟା, ଆଇନ୍ ଶୃଙ୍ଖଲାକେ ନେଇକରି ୩ ଟା ଆଉ ଅଲ୍‌ଗା

ଗୁଟେ ସମସ୍ୟାର୍ ସମାଧାନ୍ ହେଇଛେ ବଲି ସର୍କାର୍‌ଙ୍କର୍ ତର୍ଫୁ ସୂଚ୍‌ନା ମିଲିଛେ ।

ରେଲ୍‌ୱେ ଓଭର୍‌ବ୍ରିଜ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ତିଆର୍ ହଉଥିବା ଶହେ ୬୬ ଟା ରେଲ୍‌ୱେ ଓଭର୍‌ବ୍ରିଜ୍ ତିଆର୍‌କେ ନେଇକରି ଗଲାକାଏଲ୍ ନିର୍ମାଣ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ର୍ ସୂଚ୍‌ନା ଅନ୍‌ସାରେ ରେଲ୍‌ମନ୍ତ୍ରଣାଳୟ ନୂଆଁ ନୀତି-୨୦୨୪ ଜରିଏ ପୂର୍ବତଟ ରେଲ୍‌ବାଇ ରାଜ୍ୟର୍ ୯୬ ଟା ରେଲ୍‌ୱେ ଓଭର୍‌ବ୍ରିଜ୍‌କେ ଶହେ ପ୍ରତିଶତ୍ ନିଜର୍ ଖର୍ଚ୍ଚାଥି ତିଆର୍ କର୍‌ବା । ଇ ବାବ୍‌ଦେ ବୁଝାମଣା ପତ୍ର ସ୍ୱାକ୍ଷର୍ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଶିଶିର ସରସ ଉଦ୍‌ଯାପିତ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଚାଲିଥିବା ଶିଶିର ସରସ - ୨୦୨୬ ମେଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ୧୧ ଦିନ୍‌ତକ୍ ଚାଲିଥିବା ମେଳାଥି ୩୦ କୋଟିନୁ ଅଏତ୍‌କା ଟଙ୍କାର୍ ବେପାର୍

ହେଇଛେ । ଇ ମେଳାର୍ ଆର୍ଥିକ୍ ସଫଳତା ଆତ୍ମନିର୍ଭର୍ ଓଡ଼ିଶା ଲାଗି ନିହି ପକାବା ବଲି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ ।

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୩୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍ଥି ସେମାନ୍କର୍ ମତାମତ୍ ଦେଇପାର୍ବେ ।

ଓଡ଼ିଶା- ମେଘାଲୟ ଏମ୍ଓୟୁ          ଆଇ.ଆଣ୍ଡ.ପି.ଆର୍

ପ୍ରାଥମିକ ଶିଶୁ ସେବା, ଶିକ୍ଷା ଆଉ ବିକାଶ୍ କ୍ଷେତ୍ରକେ ଅନ୍ତଃରାଜ୍ୟ ସହଯୋଗ୍ ଜରିଏ ବର୍କସ୍ କର୍ବାର୍ ଲାଗି ଓଡ଼ିଶା ଆଉ ମେଘାଲୟ ସର୍କାର୍ଙ୍କର୍ ଭିତ୍ରେ ଗଲାକାଏଲ୍ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ୱାକ୍ଷରିତ୍

ହେଇଛେ । ଇତାର୍ ଜରିଏ ପାରସ୍ପରିକ୍ ଶିକ୍ଷା, ଦକ୍ଷତା ବୃଦ୍ଧି ଆଉ ପ୍ରାଥମିକ ଶିଶୁ ବିକାଶ୍ କ୍ଷେତ୍ରଥି ସର୍ବୋତମ୍ ଅଭ୍ୟାସ୍ ମାନ୍କର୍ ଆଦାନ୍ ପ୍ରଦାନ୍ କରାଯାଇପାର୍‌ବା ।

ବାର୍ଷିକ୍ କ୍ରୀଡ଼ା ଉତ୍ସବ            ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ନେସ୍‌ନାଲ୍ କଲେଜ୍‌ର ବାର୍ଷିକ୍ କ୍ରୀଡ଼ା ଉତ୍ସବ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ସମାରୋହଥି ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଥିବା ପ୍ରତିଭାକେ ଚିହ୍ନିକରି ତାକେ ତହଁକାବାର୍‌କେ ପରାମର୍ଶ ଦେଇଥିଲେ । ଇ ଅବ୍‌ସରେ ହେଇଥିବା ଭିନ୍ ଭିନ୍ ଖେଲ୍‌ର କୃତୀ ପ୍ରତିଯୋଗୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୪/୫ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।